# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**27 May - 2026**

**************************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର କ୍ୟାବିନେଟ୍‌ରେ ସାର୍ଥକ– ପିଡିଏସ ଯୋଜନା ଜାରି ରଖିବା ପାଇଁ ନିଷ୍ପତ୍ତି; ସରକାର ଖର୍ଚ୍ଚ କରିବେ ୨୫ ହଜାର ୫୩୦ କୋଟି ଟଙ୍କା
- ପାରାଦ୍ୱୀପରେ ଜେ.ଏସ୍.ଡବ୍ଲ୍ୟୁ ଷ୍ଟିଲ୍ ପ୍ଲାଣ୍ଟର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ
- ରାଜ୍ୟରେ ମୌସୁମୀ ବର୍ଷାର ମୁକାବିଲା ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ

ଏବଂ

- ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା; ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବର୍ଷା ହେବା ନେଇ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା

Desk

## କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ଅର୍ଥନୈତିକ ବ୍ୟାପାରେ କ୍ୟାବିନେଟ୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଅଧିକ ସୁବ୍ୟବସ୍ଥିତ କରିବା ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ କହିଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି, ଏଥିଲାଗି ରାସନ ପରିବହନ ଏବଂ ପରିଚାଳନା ପାଇଁ ସହାୟତା– ସାଧାରଣ ବଣ୍ଟନରେ ସ୍ୱୟଂକ୍ରିୟ ଆୟ– ସାର୍ଥକ ପି.ଡି.ଏସ୍. ଯୋଜନାକୁ ବୃହତ୍ ଆକାରରେ କାର୍ଯ୍ୟକାରୀ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏହି ଯୋଜନା ଜାରି ରଖିବା ଲାଗି କେନ୍ଦ୍ର ସରକାର ୨୫ ହଜାର ୫୩୦ କୋଟି ଟଙ୍କା ଖର୍ଚ୍ଚ କରିବେ । ବିଶେଷକରି ଖାଦ୍ୟଶସ୍ୟଗୁଡ଼ିକର ଆନ୍ତଃରାଜ୍ୟ ଗମନାଗମନ ସମୟରେ ରାଜ୍ୟଗୁଡ଼ିକୁ ଏହି ସହାୟତା ପ୍ରଦାନ କରାଯିବ । ଏତଦ୍‌ବ୍ୟତୀତ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଆଧୁନିକୀକରଣ କରିବା ସହିତ ଦେଶବ୍ୟାପୀ ଥିବା ସୁଲଭ ଖୁଚୁରା ବିକ୍ରୟ କେନ୍ଦ୍ରଗୁଡ଼ିକ ମଧ୍ୟ ଉପକୃତ ହୋଇପାରିବେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି...

**- V/O –**

BBSR/R

# ମୁଖ୍ୟମନ୍ତ୍ରୀ– ଷ୍ଟିଲ ପ୍ଲାଣ୍ଟ

ଓଡ଼ିଶାକୁ ଦେଶର ଷ୍ଟିଲ ରାଜଧାନୀ ଭାବେ ଗଢ଼ି ତୋଳିବାକୁ ସରକାର ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପାରାଦ୍ୱୀପର ଏରସମା ଅଞ୍ଚଳରେ ଜେ.ଏସ୍.ଡବ୍ଲ୍ୟୁ'ର ମେଗା ଷ୍ଟିଲ୍‌ପ୍ଲାଣ୍ଟର ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ପ୍ଲାଣ୍ଟ ୨୦୨୮ ମସିହା ସୁଦ୍ଧା ଉତ୍ପାଦନ ଆରମ୍ଭ କରିବ। ଜେ.ଏସ୍.ଡବ୍ଲ୍ୟୁ ଷ୍ଟିଲ୍ ପକ୍ଷରୁ ଏହି ପ୍ରକଳ୍ପ ପାଇଁ ୧ ଲକ୍ଷ ୨୫ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ। ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଅତ୍ୟାଧୁନିକ କାରଖାନାରୁ ବାର୍ଷିକ ପ୍ରାୟ ୨୪ ମିଲିୟନ ଟନ୍ ଷ୍ଟିଲ୍ ଉତ୍ପାଦନ ହେବା ସହ ସେଠାରେ ୧୨ ମିଲିୟନ୍ ଟନ୍‌ର ଏକ ସିମେଣ୍ଟ ପ୍ଲାଣ୍ଟ, ୯୦୦ ମେଗାୱାଟ୍‌ର କ୍ୟାପ୍‌ଟିଭ୍ ପାୱାର ସିଷ୍ଟମ ଏବଂ ସ୍ୱତନ୍ତ୍ର ଜେଟି ମଧ୍ୟ ନିର୍ମାଣ କରାଯିବ।

ପାରାଦ୍ୱୀପର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ଗୁଜୁରାଟର ମୁନ୍ଦ୍ରା ବନ୍ଦର ଶୈଳୀରେ ଦୁଇ ଉପକୂଳ ବିକାଶ ରଣନୀତି ଉପରେ ଗୁରୁତ୍ୱାରୋପ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ମିଳିଥିବା ୫ ହଜାର କୋଟି ଟଙ୍କା ଅନୁଦାନରେ ପାରାଦ୍ୱୀପ- କଟକ-ଭୁବନେଶ୍ୱର-ପୁରୀ ଅର୍ଥନୈତିକ କରିଡର ନିର୍ମାଣ ହେବ। ଆଗାମୀ କିଛି ବର୍ଷ ମଧ୍ୟରେ କେବଳ ପାରାଦ୍ୱୀପ

ଅଞ୍ଚଳରେ ୧ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ ବୋଲି ଶ୍ରୀ ମାଝୀ କହିଛନ୍ତି ।

ଦୁଇବର୍ଷ ମଧ୍ୟରେ ଶିଳ୍ପାୟନ ଓ ନିଯୁକ୍ତିର ସଫଳତା ରିପୋର୍ଟ ମୁଖ୍ୟମନ୍ତ୍ରୀ ଉପସ୍ଥାପନ କରିଛନ୍ତି । ଏହି ସମୟ ମଧ୍ୟରେ ୪୩୩ଟି ପ୍ରକଳ୍ପକୁ ସରକାର ମଞ୍ଜୁରୀ ଦେଇଛନ୍ତି । ଏହାଦ୍ୱାରା ୮ ଲକ୍ଷ ୫୦ ହଜାର କୋଟି ଟଙ୍କାର ନିବେଶ ସହ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

I&PR

## ଯୁବ ସଂଗମ କାର୍ଯ୍ୟକ୍ରମ

ରାଷ୍ଟ୍ର ନିର୍ମାଣ ଏବଂ ସ୍ଥାୟୀ ବିକାଶ, ସୂଚନା ଓ ପ୍ରସାରଣ ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ଯୁବବର୍ଗଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ଆଜି ଲୋକଭବନରେ ଯୁବ ସଂଗମ କାର୍ଯ୍ୟକ୍ରମରେ ଓଡ଼ିଶା ଆସିଥିବା ଗୁଜୁରାଟର ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ଭାବବିନିମୟ କରି ରାଜ୍ୟପାଳ' ଉଭୟ ରାଜ୍ୟର ସାଂସ୍କୃତିକ, ଐତିହ୍ୟ, ପରମ୍ପରା, ଲୋକକଳାକୁ ପ୍ରସାରିତ କରିବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି ।

Desk

## ରାଜ୍ୟସଭା ଉପନିର୍ବାଚନ

ଭାରତୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଓଡ଼ିଶାରେ ରାଜ୍ୟସଭା ଉପନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ମାସ ପହିଲାରୁ ଖାଲି ହୋଇଥିବା ଗୋଟିଏ ଆସନ ପାଇଁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେବ। ୮ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନିଜର ନାମାଙ୍କନ ଦାଖଲ କରିପାରିବେ। ୯ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବା ସହିତ ୧୧ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ଧାର୍ଯ୍ୟ କରାଯାଇଛି। ଆସନ୍ତା ମାସ ୧୮ ତାରିଖ ଦିନ ଭୋଟ୍‌ଗ୍ରହଣ କରାଯିବ। ସୂଚନାଯୋଗ୍ୟ, ଦେବାଶିଷ ସାମନ୍ତରାୟଙ୍କ ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେବା ପରେ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି।

Desk

## ପ୍ରସାଦ ଯୋଜନା

କେନ୍ଦ୍ର ସରକାର ଦେଶରେ କଳା, ସଂସ୍କୃତି ଓ ଐତିହ୍ୟର ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହିକ୍ରମରେ ତୀର୍ଥଯାତ୍ରା ରୂପରେଖ ଏବଂ ଆଧ୍ୟାତ୍ମିକ ଐତିହ୍ୟ ସମ୍ବର୍ଦ୍ଧନ ଜାତୀୟ ଅଭିଯାନ–ପ୍ରସାଦ ଆରମ୍ଭ କରାଯାଇଛି। ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ୨୦୧୪-୧୫ ଆର୍ଥିକ ବର୍ଷରେ ଏହାର ଶୁଭାରମ୍ଭ ହୋଇଥିଲା। ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ଦ୍ୱାରା ହୃଦୟ ଯୋଜନା ବନ୍ଦ ହେବା ପରେ ଦେଶରେ ଥିବା ଐତିହ୍ୟସ୍ଥଳଗୁଡ଼ିକର ସୁରକ୍ଷା ଓ ସଂରକ୍ଷଣ ପାଇଁ 'ପ୍ରସାଦ' ଯୋଜନା

କାର୍ଯ୍ୟକାରୀ କରାଗଲା। ଏଥିରେ ଦେଶର ପୂର୍ବରୁ ଚିହ୍ନଟ କରାଯାଇଥିବା ଧାର୍ମିକ ତଥା ପର୍ଯ୍ୟଟନସ୍ଥଳଗୁଡ଼ିକୁ ସାମିଲ କରାଯାଇଛି। ପୁରୀସ୍ଥିତ ବିଶ୍ୱ ପ୍ରସିଦ୍ଧ 'ଶ୍ରୀଜଗନ୍ନାଥ ଧାମ'କୁ ମଧ୍ୟ ଯୋଜନାରେ ସାମିଲ କରାଯାଇଛି।

I&PR

## ଉପମୁଖ୍ୟମନ୍ତ୍ରୀ–ମୌସୁମୀ ବର୍ଷା

ଚଳିତ ବର୍ଷ ରାଜ୍ୟରେ ମୌସୁମୀ ବର୍ଷା ଏବଂ ଏଲ୍ ନିନୋ ଆଶଙ୍କାର ମୁକାବିଲା ପାଇଁ ଉପମୁଖ୍ୟମନ୍ତ୍ରୀ ଓ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆସନ୍ତା ଖରିଫ ଚାଷର ରଣନୀତି ସମ୍ପର୍କରେ ସମୀକ୍ଷା ବୈଠକ କରିଛନ୍ତି। ଆଭାସୀ ମାଧ୍ୟମରେ ଆଜି ଶ୍ରୀ ସିଂହଦେଓ' କମ୍ ବର୍ଷା ଆଶଙ୍କା ଥିବା ଅଞ୍ଚଳରୁ ପର୍ଯ୍ୟାପ୍ତ ପରିମାଣର ବିହନ ଯୋଗାଣ ସୁନିଶ୍ଚିତ କରିବା ସହ ଡାଲି ଜାତୀୟ ତୈଳ ବିଜ, ମିଲେଟ ବିହନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଉଚ୍ଚ ଜମି ଏବଂ ବର୍ଷା ନିର୍ଭରଶୀଳ ଅଞ୍ଚଳରେ ଫସଲ ବିବିଧିକରଣକୁ ସକ୍ରିୟ ଭାବେ ପ୍ରୋତ୍ସାହିତ କରିବାକୁ ଜିଲ୍ଲା କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ମାର୍କଫେଡ୍, ଲାମ୍ପ୍ସ ଏବଂ ପ୍ୟାକ୍ସ ମାଧ୍ୟମରେ କୃଷକଙ୍କୁ ସାର ଯୋଗାଣ ସୁନିଶ୍ଚିତ କରାଯିବ। ସାର ବଣ୍ଟନ ପ୍ରକ୍ରିୟାକୁ ପ୍ରତ୍ୟକ୍ଷ ଭାବେ ତଦାରଖ କରିବାକୁ ଜିଲ୍ଲାପାଳମାନଙ୍କୁ ଶ୍ରୀ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି। କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଆଧାରରେ ସନ୍ତୁଳିତ ଏବଂ ସମନ୍ୱିତ ପୋଷକ ତତ୍ତ୍ୱ

ପରିଚାଳନା, ସବୁଜ ସାରର ବ୍ୟବହାର ଏବଂ ଜଳ ସଂରକ୍ଷଣ ପଦ୍ଧତିକୁ ପ୍ରୋତ୍ସାହିତ କରିବେ। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଅଧୀନରେ ଅଧିକରୁ ଅଧିକ ଚାଷୀଙ୍କ ନାମାଙ୍କନ ସୁନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜିଲ୍ଲା ପ୍ରଶାସନକୁ ସେମାନଙ୍କ ଅଞ୍ଚଳର କୃଷକ ପଞ୍ଜୀକରଣ ଧାର୍ଯ୍ୟ ଲକ୍ଷ୍ୟ ଶୀଘ୍ର ପୂରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ କୃଷି ବିଜ୍ଞାନ କେନ୍ଦ୍ର ମାଧ୍ୟମରେ ଆଞ୍ଚଳିକ ଭିତ୍ତିକ ଏବଂ ପାଣିପାଗ ଆଧାରିତ କୃଷି ପରାମର୍ଶ ପ୍ରଦାନ କରିବ।

Balangir

## ଉପମୁଖ୍ୟମନ୍ତ୍ରୀ- ଚିନି କଳ ପରିଦର୍ଶନ

ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବଲାଙ୍ଗୀର ଜିଲ୍ଲା ଗସ୍ତରେ ଯାଇ ବନ୍ଦ ରହିଥିବା ଚିନି କଳ ପରିଦର୍ଶନ କରିଛନ୍ତି। ଖୁବ୍‌ଶୀଘ୍ର ଚିନିକଳର ପୁନରୁଦ୍ଧାର କରାଯାଇ ଏହାକୁ କାର୍ଯ୍ୟକ୍ଷମ କରାଯିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଚାଷୀ ଓ ଶ୍ରମିକମାନେ ଉପକୃତ ହେବେ। ପୂର୍ବରୁ କାର୍ଯ୍ୟରତ କର୍ମଚାରୀମାନଙ୍କ କର୍ମସଂସ୍ଥାନ ପାଇଁ ମଧ୍ୟ ଦୃଷ୍ଟି ଦିଆଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

Desk

# ସ୍ନାତକ ପାଠ୍ୟକ୍ରମ

ରାଜ୍ୟରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ସ୍ନାତକ ପାଠ୍ୟକ୍ରମରେ ନାମଲେଖା ଲାଗି ଆଜି ଅପରାହ୍ନ ୪ଟାରୁ ଏକକ ଆବେଦନ ଫର୍ମ ସାମ୍ସ ପୋର୍ଟାଲରେ ଉପଲବ୍ଧ ହେଉଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଜୁନ୍ ୧୦ ତାରିଖ ପର୍ଯ୍ୟନ୍ତ ଆବେଦନର ସମୟସୀମା ଧାର୍ଯ୍ୟ ହୋଇଛି । ଆସନ୍ତା ମାସ ୧୭ ତାରିଖରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ । ଚଳିତଥର ନାମଲେଖା ପ୍ରକ୍ରିୟା ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ କରାଯିବ । ଜୁଲାଇ ମାସ ୯ ତାରିଖ ସୁଦ୍ଧା ସ୍ନାତକ ପାଠପଢ଼ା ଆରମ୍ଭ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଉଚ୍ଚଶିକ୍ଷା ବିଭାଗ କହିଛି ।

Kandhamal

# କ୍ୟାମ୍ପ କୋର୍ଟ

ଫୁଲବାଣୀରେ ରାଜ୍ୟ ମହିଳା କମିଶନଙ୍କ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି। କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ଓ ସଦସ୍ୟା ପ୍ରତିଭା ଶତପଥୀଙ୍କ ଉପସ୍ଥିତିରେ ଆୟୋଜିତ ଏହି କୋର୍ଟରେ ୨୪ଟି ମାମଲାର ଶୁଣାଣି କରାଯାଇ ସମାଧାନ କରାଯାଇଥିଲା।

Nayagarh

# ଏସ୍.ଆଇ.ଆର୍

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ସମ୍ମିଳନୀ କକ୍ଷରେ ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀ ଓ ପର୍ଯ୍ୟବେକ୍ଷକମାନଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୩୦ ତାରିଖରୁ ଜୁନ ମାସ ୨୮ ତାରିଖ ପର୍ଯ୍ୟନ୍ତ ବିଏଲ୍‌ଓ ମାନେ ଘରକୁ ଘର ଯାଇ ଭୋଟରମାନଙ୍କୁ ଫର୍ମ ବଣ୍ଟନ କରିବା ସହ ଉପଯୁକ୍ତ ତଥ୍ୟ ସଂଗ୍ରହ କରିବା ସମ୍ପର୍କରେ ବିଡିଓ ଓ ତହସିଲଦାର ପ୍ରଶିକ୍ଷଣ ଦେଇଥିଲେ ।

Boudh

## ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ପାତ୍ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଜନ ହିତାଧିକାରୀ ଯୋଜନାର ସୁଫଳ ତୃଣମୂଳସ୍ତରରେ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

Kendrapara

## ଯୋଗାସନ ଚାମ୍ପିଅନସିପ୍

ରାୟଗଡ଼ାସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ସପ୍ତମ ରାଜ୍ୟ ଯୋଗାସନ ଚାମ୍ପିଅନସିପ୍‌ରେ କେନ୍ଦ୍ରାପଡ଼ା ଜିଲ୍ଲା ଦ୍ୱିତୀୟ

ସ୍ଥାନ ଅଧିକାର କରିଛି । ଏହି ପ୍ରତିଯୋଗିତାରେ ଜିଲ୍ଲାରୁ ମୋଟ୍ ୧୮ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ ।

Desk

## ଆଥଲେଟିକ୍ସ ଚାମ୍ପିଅନସିପ୍

ରାଜ୍ୟରେ ଆସନ୍ତା ବର୍ଷ ଏସୀୟ ଇଣ୍ଡୋର ଆଥଲେଟିକ୍ସ ଚାମ୍ପିଅନସିପ୍ ଆୟୋଜିତ ହେବ । ହଂକଂଠାରେ ଅନୁଷ୍ଠିତ ଏସିଆ ଆଥଲେଟିକ୍ସ କାଉନସିଲ ବୈଠକରେ ୨୦୨୭ ଏସୀୟ ଇଣ୍ଡୋର ଆଥଲେଟିକ୍ସ ଚାମ୍ପିଅନସିପ୍‌ର ଆୟୋଜନ ଦାୟିତ୍ୱ ଓଡ଼ିଶାକୁ ମିଳିଛି । କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ହେବାକୁ ଥିବା ବିଶ୍ୱ ଆଥଲେଟିକ୍ସ ଇଣ୍ଡୋର ଚାମ୍ପିଅନସିପ୍ ୨୦୨୮ ପୂର୍ବରୁ ଏହି ଏସୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାବାସୀଙ୍କ ପାଇଁ ଏହା ଗର୍ବ ଓ ଗୌରବର ମୁହୂର୍ତ୍ତ ବୋଲି କହିଛନ୍ତି । ଓଡ଼ିଶାର ବିଶ୍ୱସ୍ତରୀୟ ଭିତ୍ତିଭୂମି ଓ ବୃହତ୍ ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ସଫଳତାର ସହ ପରିଚାଳନା କରିବାର କ୍ଷମତା ଆମକୁ ବିଶ୍ୱ କ୍ରୀଡ଼ା ଜଗତରେ ଏକ ପ୍ରମୁଖ କେନ୍ଦ୍ର ଭାବେ ସ୍ଥାପିତ କରିଛି ବୋଲି ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି ।

Desk

## ଖଦି ଓ ଗ୍ରାମ୍ୟୋଦ୍ୟୋଗ

ଖଦି ଓ ଗ୍ରାମ୍ୟୋଦ୍ୟୋଗ କ୍ଷେତ୍ର ଗତ ୧୨ ବର୍ଷ ମଧ୍ୟରେ ପରିବର୍ତ୍ତନ ଓ ଅଭିବୃଦ୍ଧିର ଏକ ଐତିହାସିକ ଯାତ୍ରା ଅତିକ୍ରମ କରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଖଦୀ ଓ ଗ୍ରାମ୍ୟୋଦ୍ୟୋଗ ଉତ୍ପାଦର ବିକ୍ରୟ ୧ ଲକ୍ଷ ୮୭ ହଜାର ୧୦୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭର ଭାରତ, ଭୋକାଲ ଫର୍ ଲୋକାଲ୍ ଏବଂ ଲୋକାଲ୍ ଟୁ ଗ୍ଲୋବାଲ ପରି ଅଭିଯାନରୁ ପ୍ରେରିତ ହୋଇ ଆଜି ଖଦୀ କେବଳ ଏକ ପାରମ୍ପରିକ ଉତ୍ପାଦ ହୋଇ ରହିନାହିଁ। ଏହା ନୂତନ ଭାରତର ଆତ୍ମନିର୍ଭର, ସ୍ୱଦେଶୀ ଗୌରବ ଏବଂ ଗ୍ରାମୀଣ ସମୃଦ୍ଧିର ଏକ ଜୀବନ୍ତ ପ୍ରତୀକରେ ପରିଣତ ହୋଇଛି। ଉତ୍ପାଦନ, ବିପଣନ ଏବଂ ରୋଜଗାର ସୃଷ୍ଟି କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରି ଖଦୀ ଓ ଗ୍ରାମ୍ୟୋଦ୍ୟୋଗ କ୍ଷେତ୍ର ଦେଶର ଗ୍ରାମୀର ଅର୍ଥନୀତିକୁ ନୂତନ ଶକ୍ତି ଓ ଦିଗ ପ୍ରଦାନ କରିଛି।

Desk

## ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବର୍ଷା ଜାରି ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରାୟ ସମସ୍ତ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏଥିଲାଗି ସତର୍କ ସୂଚନା ଜାରି କରାଯାଇଛି। ଅପରପକ୍ଷରେ ରାଜ୍ୟର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମ ଲହରି ଜାରି ରହିଛି।

ବିଶେଷ କରି ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ବଳବତ୍ତର ରହିବା ସହ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି।